ଭାଷା ଓ ସାକ୍ଷରତା

TESS India

# ଆନନ୍ଦ ପାଇଁ ପଠନ

# Reading for pleasure





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

The Open University

UKaid from the British people

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆନ୍ତର୍ଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

**ଭିଡ଼ିଓ ସମ୍ବଳ ସମୂହ**

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି। ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ। ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ। ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ ୧.୦ ଭାଷା ଓ ସାକ୍ଷରତା ସଂଖ୍ୟା ୦୬ ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡ଼ିଶା
Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ଭାଷା ଓ ସାକ୍ଷରତା ସଂକଳନର ଏକ ଭାଗ ଅଟେ। ମୂଳ ଇଂରାଜୀ ଲେଖାକୁ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓଡ଼ିଆ ଭାଷାନ୍ତର କରିଥିବା ବେଳେ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବ୍ରହ୍ମ ଓ ପ୍ରଫେସର ବି.ଏନ୍.ପଣ୍ଡା ସମୀକ୍ଷା କରିଛନ୍ତି। ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ/ଲେଖ http://creativecommons.org / licenses/by-sa/3.0/ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ।

TESS-India is led by The Open University UK and funded by UK aid from the UK government

## ଏହି ଏକକରେ କ'ଣ ଅଛି

ଏହି ଏକକଟି ଶିକ୍ଷାର୍ଥୀମାନଙ୍କ ପଠନ ପ୍ରତି ଆଗ୍ରହ ବୃଦ୍ଧି କରିବାରେ ଆପଣଙ୍କ ଭୂମିକା ଉପରେ ଆଲୋକପାତ କରିଛି । ଶିକ୍ଷାର୍ଥୀମାନେ ପଠନକୁ ଯେତେ ଅଧିକ ଉପଭୋଗ କରିବେ, ସେତେ ଅଧିକ ପଢ଼ିବାକୁ ଇଚ୍ଛା କରିବେ । ଏଥିପାଇଁ ପଢ଼ିବାକୁ ସେମାନେ ଯେତେ ପର୍ଯ୍ୟାପ୍ତ ସୁଯୋଗ ପାଇବେ, ସେତେ ପଢ଼ିବାରେ ସିଦ୍ଧହସ୍ତ ହେବେ। ଏହା ପଠନ ଆଧାରିତ ଏକ ଶିକ୍ଷଣ ଚକ୍ର ଅଟେ।

ଜଣେ ଶିକ୍ଷକ ଯିଏ ପଢ଼େ ଓ ଜଣେ ପାଠକ ଯିଏ ଶିକ୍ଷାଦାନ କରେ – ଏହି ପରିପ୍ରେକ୍ଷୀରେ ଆପଣ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରତିରୂପ (Role model) ଅଟନ୍ତି। ଆପଣ ହିଁ ଶିକ୍ଷାର୍ଥୀମାନଙ୍କୁ ପଠନରୁ ଆନନ୍ଦ ପାଇବାକୁ ଅନୁପ୍ରାଣିତ କରିପାରିବେ।

ଏହି ଏକକରେ ଆପଣ ଶ୍ରେଣୀଗୃହର ଅଭ୍ୟାସଗୁଡ଼ିକ ସଂପର୍କରେ ପରିଚିତ ହେବେ, ଯାହା ଆପଣଙ୍କ ଶିକ୍ଷାର୍ଥୀମାନଙ୍କର ପଠନ ପ୍ରତି ସକାରାତ୍ମକ ମନୋଭାବ ସୃଷ୍ଟି କରିପାରିବ। ଏହା ଦ୍ୱାରା ସେମାନେ ପଢ଼ିବାକୁ 'ଇଚ୍ଛା' ଓ 'ଦକ୍ଷତା' ହାସଲ କରିବେ।

## ଏହି ଏକକରୁ କ'ଣ ଶିଖିବେ

- ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ପଠନର ଏକ ଭୂମିକା ପ୍ରତିରୂପ ହେବେ
- ଶିକ୍ଷାର୍ଥୀମାନେ କିପରି ପଠନକୁ ଉପଭୋଗ କରିବେ ସେଥିପାଇଁ ଯୋଜନା କରିବେ
- ଶିକ୍ଷାର୍ଥୀମାନଙ୍କ ସହପାଠୀ ସହାୟତା ଓ ସହଭାଗୀ ଶିକ୍ଷଣ ପାଇଁ ଯୋଡ଼ି ପଠନର ସଂଗଠନ କରିବା

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ଜଣେ ପାଠକ ହେବାରେ ଅନେକ ଲାଭ ଅଛି। ପଠନ ମାନସିକ ଉଦ୍ଦୀପନାକାରୀ ଅଟେ। ଏହା ଜ୍ଞାନ, ସଚେତନତା ଓ ବୋଧର ବିକାଶ ଘଟାଇଥାଏ। ଏହା ଶୁଣିବା ଓ କହିବା ଦକ୍ଷତାଗୁଡ଼ିକୁ ବୃଦ୍ଧି କରିଥାଏ ଓ ଲେଖିବା ଦକ୍ଷତା ଉପରେ ଗଭୀର ଛାପ ପକାଇଥାଏ। ଶିକ୍ଷାର୍ଥୀମାନେ ଯେଉଁମାନେ କି ଅନର୍ଗଳଭାବେ ପଢ଼ିପାରନ୍ତି ନାହିଁ, ସେମାନଙ୍କୁ ମିଳୁଥିବା ଶିକ୍ଷଣ ସୁଯୋଗ ଗୁଡ଼ିକରେ ନିୟୋଜିତ ହେବାକୁ ଚେଷ୍ଟା କରନ୍ତି ଓ ପଛରେ ପଡ଼ିଯିବାର ଭୟରୁ ରକ୍ଷା ପାଇଁ ଆଗେଇ ଚାଲନ୍ତି।

ଯଦି ଆମେ ଗୋଟିଏ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ଉପଭୋଗ କରୁ ତେବେ ଏହି କାର୍ଯ୍ୟଟିକୁ ବାରମ୍ବାର କରିବାକୁ ଆମେ ସୁଯୋଗମାନ ଖୋଜୁ। ଯେତେ ଅଧିକ ଆମେ ସେହି କାର୍ଯ୍ୟରେ ନିୟୋଜିତ ହେଉ, ଆମେ ଏହାକୁ ସେତେ ଭଲ କରିପାରୁ। ଏହା ପଠନ ପାଇଁ ଯେପରି ସତ୍ୟ ସେହିପରି ଅନ୍ୟ ଦକ୍ଷତା ପାଇଁ ମଧ୍ୟ ଗ୍ରହଣୀୟ ଅଟେ। ପଠନକୁ ଏକ ଉପଭୋଗ୍ୟ ଉପାୟରେ ଅନୁଭବ କରିବାକୁ ଶିକ୍ଷାର୍ଥୀମାନଙ୍କୁ ବାରମ୍ବାର ସୁଯୋଗମାନ ଦେଇ ଆପଣ ସେମାନଙ୍କୁ ଆତ୍ମବିଶ୍ୱାସୀ ଓ ଆଜୀବନ ପାଠକ ହେବାର ବାଟରେ ବସାଇ ପାରିବେ।

## ୧ ପଠନର ଏକ ଭୂମିକା ପ୍ରତିରୂପ ହେବା

ପଠନ ପ୍ରତି ଶିକ୍ଷାର୍ଥୀମାନଙ୍କ ମନୋବୃତ୍ତି ସେମାନଙ୍କ ଶିକ୍ଷକମାନଙ୍କ ଦ୍ୱାରା ବଳିଷ୍ଠ ଭାବେ ପ୍ରଭାବିତ ହୋଇଥାଏ। ଏହି ଏକକ ଅନେକଗୁଡ଼ିଏ ଉପାୟ ସଂପର୍କରେ ସୂଚନା ଦେଇପାରେ ଯେଉଁଥିରେ ଆପଣ ଗୋଟିଏ ବିସ୍ତୃତ ଶ୍ରେଣୀବଦ୍ଧ ପାଠଗୁଡ଼ିକର ପଠନରେ ମିଳିବାକୁ ଥିବା ଉପଭୋଗର ପ୍ରତିରୂପ ସ୍ପଷ୍ଟଭାବେ ଗଠନ କରିପାରିବେ।

ଜଣେ ଶିକ୍ଷୟିତ୍ରୀଙ୍କର ଏକ ପରିସ୍ଥିତି ଅନୁଧ୍ୟାନ ପଢ଼ି ଆପଣ ଏକକଟିକୁ ଆରମ୍ଭ କରିବେ ଯିଏକି ନିଜ ଶିକ୍ଷାର୍ଥୀମାନଙ୍କୁ ଆନନ୍ଦ ପାଇଁ ପଠନ ସହ ପରିଚିତ କରାଇବାକୁ ଏକ ଉପାୟ ଆବିଷ୍କାର କରିଥିଲେ।

## ପରିସ୍ଥିତି ଅନୁଧ୍ୟାନ - ୧ ସମ୍ବାଦପତ୍ର ପଠନ

ଶ୍ରୀମତୀ ସରସ୍ୱତୀ, ଭୁବନେଶ୍ୱରର ଏକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବହୁଶ୍ରେଣୀୟ ଶିକ୍ଷାର୍ଥୀମାନଙ୍କର ଏକ ବଡ ଦଳକୁ ଶିକ୍ଷାଦାନ କରନ୍ତି । ସେ ତାଙ୍କର ଶିକ୍ଷାର୍ଥୀମାନଙ୍କୁ ଆନନ୍ଦ ପାଇଁ ପଠନ ପ୍ରଦର୍ଶିତ କରିବାକୁ କିପରି ସମ୍ବାଦପତ୍ର ବ୍ୟବହାର କଲେ ତାହା ସେ ଏଠାରେ ବର୍ଣ୍ଣନା କରନ୍ତି ।

ଦୁର୍ଭାଗ୍ୟବଶତଃ, ପରିବାର ଦାୟିତ୍ୱ ଓ କାର୍ଯ୍ୟ ଗୁଡ଼ିକର ଚାପ ପାଇଁ ମୋ ରହିବା ଭଳି ସେତେ ସମୟ ମୋ ପାଖରେ ପଢ଼ିବାକୁ ନ ଥିଲା । ଏହା ସତ୍ତ୍ୱେ ଶିକ୍ଷାର୍ଥୀମାନଙ୍କୁ ପଠନର ମୂଲ୍ୟ ଓ ଆନନ୍ଦ ପସନ୍ଦ କରିବାକୁ ପ୍ରସ୍ତୁତ କରିବା ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା ।

ଏହି ବର୍ଷ ପ୍ରାରମ୍ଭର ଏକ ସକାଳର ଘଟଣା ମୁଁ ଦୈନିକ ଖବରକାଗଜରୁ ଏକ ଗପ ପଢୁଥିଲି ଏତିକିବେଳେ ଶିକ୍ଷାର୍ଥୀମାନେ ଶ୍ରେଣୀଗୃହକୁ ଆସିଲେ (ସମାଜ-୨୦୧୪) । ଯେତେବେଳେ ସେମାନେ ବସିପଡ଼ିଲେ, ମୁଁ ଖବରକାଗଜକୁ ତଳେ ରଖିଲି ଓ କହିଲି ମୁଁ ଏବେ ଏକ ଆଗ୍ରହପୂର୍ଣ୍ଣ କଥା ପଢୁଥିଲି । ଏହା ଏକାଧିକ ଦୋଳିଥିବା ଏକ ଖୁବ୍ ବଡ ଦୋଳି । ଦୋଳି ଯେତେବେଳେ ଉପରକୁ ଯାଏ, ବହୁତ ମଜାଲାଗେ । ଉପରୁ ବହୁତ ବଡ ଘର, ଗଛ ଇତ୍ୟାଦି ଦେଖି ହୁଏ । ମୁଁ ଆଉ ଏକ ଖବର ପଢ଼ିଲି ନନ୍ଦନକାନନରେ ଥିବା ବାଘୁଣୀ ଓ ତା'ର ସାବକ, ଏହି ବର୍ଷ ବାଘୁଣୀଟି ଦୁଇଟି ପିଲା ଜନ୍ମ କରିଛି । ବାଘ ଶିଶୁ ଦୁଇଟି ସୁସ୍ଥ ଅଛନ୍ତି ।

ସମ୍ବାଦପତ୍ରରେ କିପରି ଅନେକଗୁଡ଼ିଏ ଆଗ୍ରହପୂର୍ଣ୍ଣ କଥାମାନ ପଢ଼ିବାକୁ ଥାଏ ତାହା ମୁଁ ବୁଝାଇଦେଲି । ବିଦ୍ୟାଳୟ ବାହାରେ ସେମାନେ କେତେଥର ସମ୍ବାଦପତ୍ର ପଢ଼ନ୍ତି ବୋଲି ମୁଁ ମୋ ଶିକ୍ଷାର୍ଥୀମାନଙ୍କୁ ପଚାରିଲି । ଜଣେ ଦୁଇଜଣ ଶିକ୍ଷାର୍ଥୀ ସେମାନଙ୍କର ସ୍ଥାନୀୟ ଦୋକାନରେ ସମ୍ବାଦପତ୍ରଗୁଡ଼ିକୁ ସେମାନଙ୍କର ଫଟୋ ଓ ବଡ଼ ଛପା ଅକ୍ଷର ଶିରୋନାମା ସହ ଦେଖିଥିବା କହିଲେ । ଅନ୍ୟ ଜଣେ କହିଲା ତା'ର ବାପା ପ୍ରତିଦିନ ଗୋଷ୍ଠୀ କେନ୍ଦ୍ରକୁ ଖବରକାଗଜ ପଢ଼ିବା ପାଇଁ ଯାଆନ୍ତି । ଏହି ଆଲୋଚନା ମାଧ୍ୟମରେ ମୁଁ ମୋ ଶିକ୍ଷାର୍ଥୀମାନଙ୍କ ବିଷୟରେ କିଛି ଅଧିକ ଜାଣିଲି । ତା' ପରଠାରୁ ପ୍ରତିଦିନ ସକାଳେ ମୁଁ ସମ୍ବାଦପତ୍ରରୁ ଗୋଟିଏ ସମ୍ବାଦ ମୋ ଶିକ୍ଷାର୍ଥୀମାନଙ୍କ ସହ ଆଲୋଚନା କଲି । କିଛି କଥା ବାଛିବା ପୂର୍ବରୁ ମୁଁ ସେମାନଙ୍କୁ ପ୍ରତ୍ୟେକ ଥର ପୃଷ୍ଠା ଓଲଟାଉ ଥିବା ସମୟରେ ମୋତେ ଦେଖିବାର ସୁଯୋଗ ଦେଉଥିଲି ଯାହା ସେମାନଙ୍କୁ ଆଗ୍ରହ ପ୍ରଦାନ କରିବ ବୋଲି ମୁଁ ଭାବିଲି । ଏହା ମୋ ପାଇଁ ଉପଭୋଗ୍ୟ ଥିଲା, ଯେହେତୁ ପ୍ରତିଦିନ ଖବରକାଗଜ ପଢ଼ିବାକୁ ଏହା ମୋତେ ସୁଯୋଗ ଦେଲା । ସ୍ଥାନୀୟ ରାଜ୍ୟ , ଦେଶ ଓ  ଆନ୍ତର୍ଜାତିକ ଖବରମାନ ଖୋଜି ବାହାର କରିବାକୁ ମଧ୍ୟ ମୋ ଶିକ୍ଷାର୍ଥୀମାନେ ଆଗକୁ ଦେଖୁଥିବା ଜଣାପଡୁଥିଲା । ଗୋଟିଏ ଛୋଟ ଆଲୋଚନା ମାଧ୍ୟମରେ ଯେତେବେଳେ ଏଥିରେ ଥିବା କୌଣସି ନୂତନ ଭାଷାଜ୍ଞାନ ବିଷୟରେ ସେମାନଙ୍କୁ ପରିଚିତ କରୁଥିଲି ସେତେବେଳେ ମୁଁ ମୋ ଶିକ୍ଷାର୍ଥୀମାନଙ୍କ ଜ୍ଞାନ ଓ ଅଭିଜ୍ଞତା ସହିତ ସମ୍ବାଦପତ୍ରଗୁଡ଼ିକୁ ସଂପର୍କିତ କରିବାରେ ସକ୍ଷମ ହେଲି ।

ଖୁବ୍ ଶୀଘ୍ର ମୋ ଶ୍ରେଣୀଗୃହରେ ଖବରକାଗଜ ଓ ପତ୍ରିକାଗୁଡ଼ିକର ଏକ ଗଦା ତିଆରି ହୋଇଗଲା । ସକାଳେ ସହପାଠୀମାନଙ୍କ ପହଞ୍ଚିବାକୁ ସେମାନେ ଅପେକ୍ଷା କରୁଥିବାରୁ ମୁଁ ସେମାନଙ୍କୁ ସେଗୁଡ଼ିକୁ ଆଖି ପକାଇବାକୁ ଉତ୍ସାହିତ କଲି । କିଛି କ୍ଷଣ ପରେ ମୁଁ ସବୁ ଶିକ୍ଷାର୍ଥୀଙ୍କ ପାଇଁ ପ୍ରତିଦିନ ଖବରକାଗଜ ଉପରେ ଆଖି ପକାଇବା ଓ ପଢ଼ିବା ପାଇଁ ଶ୍ରେଣୀର ପ୍ରଥମ ପନ୍ଦର ମିନିଟ୍ ଦେବାକୁ ସ୍ଥିର କଲି । କେତେକ ଶିକ୍ଷାର୍ଥୀ ଏହାକୁ ଏକାକୀ କଲେ । ଆଉ କେତେକ ଏହାକୁ ଏକତ୍ରଭାବରେ କଲେ । ଆଉ କେତେକ ଘଟଣାମାନଙ୍କରେ ମୁଁ ସେମାନଙ୍କ ସହ ବ୍ୟବହାର କରୁଥିବା ସେହି ଉକ୍ତିଗୁଡ଼ିକୁ ବ୍ୟବହାର କରି ଏକତ୍ର ପଢୁଥିବାର ଦେଖିଲି । ଯେପରି - 'ଏହା କ'ଣ ଆଗ୍ରହପୂର୍ଣ୍ଣ ନୁହେଁ କି ?', ଓ 'ଏହା କ'ଣ କହେ ଆସ ଦେଖିବା' । ବେଳେବେଳେ ମୁଁ ବୟସ୍କ ଶିକ୍ଷାର୍ଥୀମାନଙ୍କୁ ଛୋଟ ଶିକ୍ଷାର୍ଥୀମାନଙ୍କ ସହିତ ପଢ଼ିବାକୁ କହିଲି । ସେମାନେ ନିର୍ଦ୍ଦିଷ୍ଟ ଶବ୍ଦଗୁଡ଼ିକର ଅର୍ଥ ବୁଝାଇବାର ମୁଁ କ୍ୱଚିତ୍ ଶୁଣିଲି । ସଂପ୍ରତି ମୋ ଶିକ୍ଷାର୍ଥୀମାନେ 'ତୁମେ ଏହାକୁ ପଢ଼ିଛ କି ?' ଭଳି ଉକ୍ତିମାନ ବ୍ୟବହାର କରି ଜଣେ ଅନ୍ୟ ଜଣକୁ ଲେଖାଗୁଡ଼ିକୁ ସୁପାରିଶ କରିବା ଆରମ୍ଭ କରିଛନ୍ତି । ମୋ ଶିକ୍ଷାର୍ଥୀମାନଙ୍କ ପଠନ ଆଗ୍ରହ ଓ ଦକ୍ଷତାଗୁଡ଼ିକୁ ମୁଁ ଅନୌପଚାରିକ ଭାବରେ ଛୋଟ ଛୋଟ ଅଧିବେଶନ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରିପାରିଲି ।



ଟିକିଏ ଚିନ୍ତା କରନ୍ତୁ

- ଶ୍ରୀମତୀ ସରସ୍ୱତୀଙ୍କର ଖବରକାଗଜ ପଠନ କାର୍ଯ୍ୟଟି ପଠନ ବିଷୟରେ ତାଙ୍କ ଶିକ୍ଷାର୍ଥୀମାନଙ୍କୁ କ'ଣ ଶିକ୍ଷା ଦେଲା ?
- ତାଙ୍କର ଏହି ପଦ୍ଧତିର ସୁବିଧାମାନ କ'ଣ ? ଏଥିରେ କିଛି ସମ୍ଭାବ୍ୟ ଅସୁବିଧା ଅଛି କି ?
- ତାଙ୍କ ଅଭ୍ୟାସଗୁଡ଼ିକ ମଧ୍ୟରୁ ଆପଣ ଆପଣଙ୍କ ଶ୍ରେଣୀଗୃହରେ କେଉଁଗୁଡ଼ିକୁ ପ୍ରୟୋଗ କରିପାରିବେ ?

ଶ୍ରୀମତୀ ସରସ୍ୱତୀ ତାଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଏକ ସମ୍ବାଦପତ୍ର ପଠନ କାର୍ଯ୍ୟର ପ୍ରତିରୂପ ଗଠନ କଲେ। ସେମାନଙ୍କ ପାଇଁ ଆଗ୍ରହପୂର୍ଣ୍ଣ ଭାବି ସେ କିପରି ବିଷୟବସ୍ତୁ ବାଛିଲେ ଓ ସେମାନଙ୍କ ସହ ସମ୍ବାଦ ବିନିମୟ କଲେ ତାହା ଦେଖାଇଲେ। ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଅଭିମତ ଓ ସଂପର୍କିତ ଅଭିଜ୍ଞତା ସବୁକୁ ନେଇ କଥୋପକଥନ କରିବାକୁ ଆମନ୍ତ୍ରିତ କଲେ।

ପ୍ରତ୍ୟେକ ଦିନ ଗୋଟିଏ ପଠନ ସମୟ ସ୍ଥିର କରି, ଶ୍ରୀମତୀ ସରସ୍ୱତୀ ନିୟମିତ ଭାବରେ ଏହି କାର୍ଯ୍ୟଟିକୁ କରିବାର ଗୁରୁତ୍ୱ ଶିକ୍ଷାର୍ଥୀମାନଙ୍କୁ ପ୍ରଦର୍ଶିତ କଲେ। ଶିକ୍ଷାର୍ଥୀମାନଙ୍କୁ ଖବରକାଗଜ ଓ ପତ୍ରିକାଗୁଡ଼ିକୁ ପଢ଼ିବାକୁ ଦେଇ ସେମାନଙ୍କୁ ଭଲ ଲାଗୁଥିବା କଥାଗୁଡ଼ିକୁ ବାଛି ଓ ତାଙ୍କର ବାଛି ଥିବା ବିଷୟଗୁଡ଼ିକୁ ସହପାଠୀମାନଙ୍କ ସହ ବିନିମୟ କରିବାକୁ ସେ ସେମାନଙ୍କୁ ଉତ୍ସାହିତ କଲେ। ଉଚ୍ଚ ପଠନ, ନୀରବ ପଠନ ଓ ଯୋଡ଼ିରେ ପଠନ ପାଇଁ ସୁଯୋଗ ଦେଇ, ସେ ସମସ୍ତଙ୍କୁ ନିଜ ସ୍ତରର କାର୍ଯ୍ୟରେ ନିୟୋଜିତ କଲେ। ବୟସ୍କ ଶିକ୍ଷାର୍ଥୀମାନଙ୍କୁ କନିଷ୍ଠ ଶିକ୍ଷାର୍ଥୀମାନଙ୍କର ପଠନକୁ ଆମନ୍ତ୍ରିତ କରି, ସେ ବୟସ୍କ ଶିକ୍ଷାର୍ଥୀମାନଙ୍କ ବିକଶିତ ଦକ୍ଷତାଗୁଡ଼ିକୁ ଅନୁମୋଦନ କଲେ ।

ଏହି କାର୍ଯ୍ୟଟିର ଗୋଟିଏ ଅସୁବିଧା ଥିଲା ଯେ ଅଧିକାଂଶ ସମ୍ବାଦପତ୍ର ଓ ପତ୍ରିକା ସବୁ ପଢିବା ପାଇଁ ଏକ ନ୍ୟୂନତମ ଦକ୍ଷତା ଆବଶ୍ୟକ ହେଉଥିଲା। ଏଗୁଡ଼ିକରେ ନିୟୋଜିତ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଏକ ମୌଳିକ ସ୍ତରର ଦକ୍ଷତା ଆବଶ୍ୟକ ଥିଲା। ସେହିପରି ଅନେକଗୁଡ଼ିଏ ସମ୍ବାଦ ଜ୍ଞାନ ଓ ବୋଧର ଆବଶ୍ୟକ କରେ ଯାହା ପ୍ରାରମ୍ଭିକ ସ୍ତରର ଶିକ୍ଷାର୍ଥୀମାନଙ୍କ ଆଶାର ବାହାରେ ଅଟେ। ସେଥିନିମିତ୍ତ ଏହି କାର୍ଯ୍ୟଟି ଛୋଟ ଛୋଟ ଶିକ୍ଷାର୍ଥୀ ଓ ଅତି ପ୍ରାରମ୍ଭିକ ପାଠକମାନଙ୍କ ପାଇଁ ଯଥାର୍ଥ ନ ଥିଲା।

ସେମାନଙ୍କ ସ୍ତର ଯାହା ହେଉନା କାହିଁକି, ଆପଣଙ୍କର ଶିକ୍ଷାର୍ଥୀମାନଙ୍କର କିଛି ପଠନ ଅଭିଜ୍ଞତା ଥିବ। ବିଦ୍ୟାଳୟରେ କିମ୍ବା ଘରେ ବା କୌଣସି ଗୋଷ୍ଠୀର ଅଭିଜ୍ଞତା ଆଧାରରେ ସକାରାତ୍ମକ ବା ନକାରାତ୍ମକ ହେଉ ପଠନ ନିମନ୍ତେ, ସେମାନଙ୍କର ମନୋବୃତ୍ତି ଥିବ। ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ପାଇଁ କି ପ୍ରକାର ନିୟମିତ ପଠନ କାର୍ଯ୍ୟକ୍ରମ କରିବେ ? ସମସ୍ତ ଶିକ୍ଷାର୍ଥୀ ସାମିଲ୍ ହେଉଛନ୍ତି ଆପଣ କିପରି ନିଶ୍ଚିତ କରିବେ ? ଆପଣଙ୍କର ଧାରଣାଗୁଡ଼ିକୁ ନିଜର ସହକର୍ମୀମାନଙ୍କ ସହ ଆଲୋଚନା କରନ୍ତୁ।

ପରବର୍ତ୍ତୀ ଭାଗରେ ଆପଣ ଶ୍ରେଣୀଗୃହରେ 'ପୁସ୍ତକ କଥନ'ର ମୂଲ୍ୟ ଜାଣିବେ। ଏହା ଏକ ନିୟମିତ କାର୍ଯ୍ୟ ଯାହା ଆପଣଙ୍କର ଯେ କୌଣସି ପାଠରେ ସନ୍ନିବେଶିତ ହୋଇ ପାରିବ।

## ୨ ପୁସ୍ତକ କଥନ



ଟିକିଏ ଚିନ୍ତା କରନ୍ତୁ

- ଆପଣ ଯାହା ପଢ଼ିଛନ୍ତି ତାହା କ'ଣ ସର୍ବୋତ୍ତମ ଥିଲା ଓ ତାହା ଜଣେ ସାଙ୍ଗକୁ ସୁପାରିଶ କରିବେ ?
- ଆପଣ କ'ଣ ପଢ଼ିବାକୁ ଆରମ୍ଭ କରିଛନ୍ତି ଓ ଏହା ନିରସ ଓ କଷ୍ଟକର ଥିବା କାରଣରୁ ପରିତ୍ୟାଗ କରିଦେଇଛନ୍ତି କି ?
- ଆପଣ କ'ଣ ପଢ଼ିବେ, ଏ ବିଷୟରେ ଆପଣଙ୍କର ନିର୍ଦ୍ଦିଷ୍ଟ ଅଭିରୁଚି ଓ ନାପସନ୍ଦ ଅଛି କି ?

ଏହିପରି ପ୍ରଶ୍ନଗୁଡ଼ିକ ପୁସ୍ତକ କଥନକୁ ଉଦ୍ଦୀପିତ କରିଥାଏ। ଜଣେ ପାଠକ ଭାବରେ ଆପଣଙ୍କର ସମସ୍ତ ଉତ୍ତର ଗୁରୁତ୍ୱପୂର୍ଣ୍ଣ ଅଟେ। ପରବର୍ତ୍ତୀ ପରିସ୍ଥିତି ଅନୁଧ୍ୟାନରେ ଜଣେ ଶିକ୍ଷୟିତ୍ରୀ କିପରି ନିଜ ପାଠରେ "ପୁସ୍ତକ କଥନ"କୁ ସନ୍ନିବେଶିତ କରିଛନ୍ତି ତାହା ଆପଣ ଦେଖିବେ।

## ପରିସ୍ଥିତି ଅନୁଧ୍ୟାନ – ୨ : ଶ୍ରେଣୀରେ ପୁସ୍ତକ କଥନକୁ ଉତ୍ସାହିତ କରିବା

ଶ୍ରୀମତୀ ରେଜିୟା ଭଦ୍ରକର ଏକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ଜଣେ ଶିକ୍ଷୟିତ୍ରୀ। ସେ ନିଜ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ "ପୁସ୍ତକ କଥନ" କାର୍ଯ୍ୟକୁ ଉତ୍ସାହିତ କରିବାକୁ କିପରି ଗଲେ ତାହା ଏଠାରେ ବର୍ଣ୍ଣନା କରିଛନ୍ତି।

ଗତବର୍ଷ ପର୍ଯ୍ୟନ୍ତ ଶ୍ରେଣୀରେ ଗୋଟିଏ ପାଠର ଉଚ୍ଚ ପଠନ ଓ ପାଠ୍ୟପୁସ୍ତକ ସହଯୋଗୀ ବୋଧଭିତ୍ତିକ ପ୍ରଶ୍ନ ପଚାରି ଶିକ୍ଷାଦାନ ସମାପ୍ତ କରିବା ସାଧାରଣଭାବେ ମୋ ଶିକ୍ଷାଦାନ ଅଭ୍ୟାସର ଅନ୍ତର୍ଭୁକ୍ତ ଥିଲା। ମୋ ସ୍ଥାନୀୟ ଡି.ଆଇ.ଇଟିର ଏକ କର୍ମଶାଳା ଆଧାରରେ ମୁଁ ସ୍ଥିର କଲି ଯେ ଯଦି ମୁଁ ଶିକ୍ଷାର୍ଥୀମାନଙ୍କୁ ପଠନ ବିଷୟରେ ଅଧିକ ସୂକ୍ଷ୍ମଦର୍ଶୀ ହେବାକୁ ଚାହେଁ, ତେବେ ମୋତେ ମୋର ଅଭ୍ୟାସକୁ ପରିବର୍ତ୍ତନ କରିବାକୁ ପଡିବ।

ଗୋଟିଏ ଗପ ବାଛି ମୁଁ ମୋ ଶ୍ରେଣୀରେ ପଢ଼ିବାକୁ ଆରମ୍ଭ କଲି। ଏହା ଥିଲା ଏନ.ସି.ଇ.ଆର.ଟି.ଇ.ର ଅଷ୍ଟମ ଶ୍ରେଣୀ ବହିର ଏକ ବିଷୟ "କାମରେ ପିଲାମାନେ"। ଯେତେବେଳେ ମୁଁ ଗପଟି ପଢ଼ି ସାରିଲି ମୁଁ ଏହାର ବିଷୟବସ୍ତୁକୁ ନିମ୍ନମତେ ବର୍ଣ୍ଣନା କଲି। "ଗପଟିକୁ ଅତ୍ୟନ୍ତ ଦୁଃଖପୂର୍ଣ୍ଣ ଥିଲା ଏହା ଶିଶୁ ଶ୍ରମିକଙ୍କ ବିଷୟରେ ଥିଲା। ଜଣେ ଶିଶୁ ଶ୍ରମିକର ସାହସିକତା ବିଷୟରେ ଲେଖା ଯାଇଥିଲା। ବର୍ଣ୍ଣନା ପରେ ଶିକ୍ଷାର୍ଥୀମାନଙ୍କୁ କିଛି ଛୋଟ ଛୋଟ ପ୍ରଶ୍ନ ପଚାରିଲି।

ତା' ପରେ ମୁଁ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ସହପାଠୀଙ୍କ ସହ ଗପଟି ବିଷୟରେ ଦୁଇ ମିନିଟ୍ ଆଲୋଚନା କରିବାକୁ କହିଲି। ମୁଁ ପ୍ରଶ୍ନଗୁଡ଼ିକ ମାଧ୍ୟମରେ ସହାୟକ ସୂଚନା ଦେଲି। ଯେପରି ତୁମେ କ'ଣ ପସନ୍ଦ କର ? ତୁମେ କ'ଣ ପସନ୍ଦ କର ନାହିଁ ? ପରିଶେଷରେ ସେମାନଙ୍କର ଗପ ସମ୍ବନ୍ଧୀୟ ପ୍ରତିକ୍ରିୟା ଶ୍ରେଣୀର ଅନ୍ୟମାନଙ୍କ ସହିତ ବିନିମୟ କରିବାକୁ ମୁଁ ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ଭାବେ ଆମନ୍ତ୍ରଣ କଲି।

ପ୍ରଥମେ ମୋ ଶିକ୍ଷାର୍ଥୀମାନେ ଗପକୁ ନେଇ ସେମାନଙ୍କ ପ୍ରତିକ୍ରିୟା ବିଷୟରେ କହିବାକୁ କଷ୍ଟ ଅନୁଭବ କଲେ। କାରଣ ଏପରି ଉପାୟରେ ପାଠ ବିଷୟରେ ମତାମତ ଓ ପ୍ରତିକ୍ରିୟା ପ୍ରକାଶ କରିବାରେ ସେମାନେ ଅଭ୍ୟସ୍ତ ନ ଥିଲେ। ତେବେ ସାହିତ୍ୟ ଓ ଅନ୍ୟାନ୍ୟ ପଠନ ବିଷୟଗୁଡ଼ିକୁ ଏହିପରି କାର୍ଯ୍ୟ ମାଧ୍ୟମରେ ପୁନରାବୃତ୍ତି କରି ସେମାନେ ଅତି ସହଜରେ ସେମାନଙ୍କର ଅଭିମତ ପ୍ରକାଶ କରିପାରିଲେ। ବର୍ତ୍ତମାନ ଯେ, ସେମାନେ କେବଳ ପାଠଟି ଉପଭୋଗ କରନ୍ତି ନାହିଁ କହିବାରେ ଆତ୍ମବିଶ୍ୱାସୀ ହୋଇପାରିଛନ୍ତି ତାହା ନୁହେଁ, ସେମାନେ ମଧ୍ୟ "କାହିଁକି ନୁହେଁ" ର ବର୍ଣ୍ଣନା କରିପାରିବେ। ଯେତେବେଳେ ସେମାନେ ପାଠ ଆଲୋଚନା କରିବେ, ତାହାକୁ ଅନ୍ୟାନ୍ୟ ପାଠ ବିଷୟରେ କଥୋପକଥନ ଓ ଆଲୋଚନା ମାଧ୍ୟମରେ ହାସଲ କରିଥିବା ନିଜର ଅଭିଜ୍ଞତାକୁ ସଂପର୍କିତ କରିପାରିବେ। ଯେତେବେଳେ ମୋ ଶିକ୍ଷାର୍ଥୀମାନେ ଏହିପରି ଭାବରେ ପାଠ ବିଷୟରେ ମୁକ୍ତ ଆଲୋଚନା କଲେ ସେତେବେଳେ କେବଳ ପାଠ୍ୟପୁସ୍ତକର ଅଭ୍ୟାସକାର୍ଯ୍ୟ ତୁଳନାରେ ମୁଁ ସେମାନଙ୍କର ବୋଧଭିତ୍ତିକ ଦକ୍ଷତାକୁ ମୂଲ୍ୟାୟନ କରିବାରେ ସକ୍ଷମ ହୁଏ।

ଯେତେବେଳେ ମାର୍ଗଦର୍ଶକ ଭାବରେ ପାଠ୍ୟପୁସ୍ତକରେ ଥିବା ବୋଧଭିତ୍ତିକ ପ୍ରଶ୍ନଗୁଡ଼ିକୁ ମୁଁ ବ୍ୟବହାର କରେ, ସେତେବେଳେ ଆମେ ଶ୍ରେଣୀରେ ଯାହା ପଢୁ ତାହା ବିଷୟରେ ସବୁବେଳେ ଅଧିକ ମୁକ୍ତ ଆଲୋଚନା ପାଇଁ ମୁଁ ସୁଯୋଗ ଦିଏ ।



### ଟିକିଏ ଚିନ୍ତା କରନ୍ତୁ

- ଶ୍ରେଣୀରେ ପୁସ୍ତକ ଆଧାରିତ କଥୋପକଥନ କରି ଶ୍ରୀମତୀ ରେଜିୟାଙ୍କର ଶିକ୍ଷାର୍ଥୀମାନେ କ'ଣ ଶିଖୁଛନ୍ତି ବୋଲି ଆପଣ ଭାବୁଛନ୍ତି ?

- ଏହି ଅଧିବେଶନ ଗୁଡ଼ିକରେ ସେମାନଙ୍କୁ ତଦାରଖ କରୁଥିବାବେଳେ ସେମାନଙ୍କ ପଠନ ବିକାଶ ସଂପର୍କରେ ସେ କ'ଣ ଜାଣିଲେ ?

ପଠନବୋଧ ସ୍ୱତଃ ବିକଶିତ ହୁଏ ନାହିଁ। ଏହା ଶିଖା ଯିବା ଉଚିତ୍। ଶିକ୍ଷାର୍ଥୀମାନଙ୍କ ସହିତ ପାଠର ଅର୍ଥ ବିଷୟରେ କଥୋପକଥନ କରି ଶିକ୍ଷକଙ୍କ ପ୍ରସ୍ତୁତ ବୋଧପ୍ରକ୍ରିୟାର ପ୍ରତିରୂପ ମାଧ୍ୟମରେ ଏହା ସବୁଠାରୁ ଭଲଭାବରେ ହାସଲ କରାଯାଇଥାଏ।

ଯେତେବେଳେ ପାଠ ବିଷୟରେ କଥୋପକଥନ କରିବାକୁ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରାଯାଏ, ସେମାନେ ସେମାନଙ୍କୁ ଶୁଣନ୍ତି ଓ ପଢ଼ନ୍ତି। ସେମାନେ ନିଜର ପ୍ରତିକ୍ରିୟା ଓ ବିଚାରଗୁଡ଼ିକ ବିଷୟରେ କହିବାକୁ ଆତ୍ମବିଶ୍ୱାସ ବଢ଼ାନ୍ତି।

ବୟସ୍କ ଭାବରେ ଆମେ କ'ଣ ପଢ଼ିବା ସାଧାରଣତଃ ପସନ୍ଦ କରିପାରିବା। ଅନ୍ୟମାନଙ୍କ ଅପେକ୍ଷା ନିର୍ଦ୍ଦିଷ୍ଟ ପାଠରେ ଆମର ପସନ୍ଦ ଥାଏ। ଆମେ ଅନ୍ୟ ସହିତ ପଢ଼ାରେ ଓ ଆଲୋଚନାରେ ଏହାକୁ ପ୍ରତିଫଳିତ କରୁ। ଆମେ ଆମର ଶିକ୍ଷାର୍ଥୀମାନଙ୍କୁ ଏପରି କରିବାରେ ଉତ୍ସାହିତ କରିବା ଦରକାର – ସେମାନେ ଯାହା ପଢନ୍ତି, ତାଙ୍କ ପସନ୍ଦ କରୁଥିବା ଭଳି ବହି ବାଛିବା ଓ ସେମାନଙ୍କୁ ପଠନ ବିଷୟରେ ବୁଦ୍ଧିମତ୍ତାର ସହ ଆଲୋଚନା କରିବା ଆମର ଦାୟିତ୍ୱ।

## ଶିକ୍ଷଣକାର୍ଯ୍ୟ ୧ : ଗୋଟିଏ ପୁସ୍ତକ ଆଧାରିତ କଥୋପକଥନ ଅଧିବେଶନ



ଚିତ୍ର-୧ ଶ୍ରେଣୀରେ ଗୋଟିଏ ବହି ବିଷୟରେ କଥା ହେବା ।

ଆପଣଙ୍କ ଶ୍ରେଣୀରେ ଗୋଟିଏ ଛୋଟିଆ ପୁସ୍ତକ ଆଧାରିତ କଥୋପକଥନ ଅଧିବେଶନରେ ଯୋଜନା କରନ୍ତୁ। ଏହା ତିରିଶ୍ ମିନିଟ୍‌ରୁ ଅଧିକ ହେବା ଉଚିତ୍ ନୁହେଁ।

ଗୋଟିଏ ସାହିତ୍ୟ ବା ଅନ୍ୟ ପାଠର ଛୋଟ ବିଷୟଟିଏ ବାଛନ୍ତୁ। ଏହା ଗୋଟିଏ ଗପ, ଗୋଟିଏ ତଥ୍ୟଭିତ୍ତିକ ଖବରକାଗଜ ଲେଖା, ଗୋଟିଏ ନାଟକର ଲେଖା ବା ଗୋଟିଏ କବିତା ହୋଇପାରିବ। ଆପଣ ଯେ କୌଣସି ପାଠ ବାଛନ୍ତୁ, ପ୍ରଥମେ ସେଥିରେ ଥିବା ଅପରିଚିତ ଶବ୍ଦଗୁଡ଼ିକୁ ବାଛନ୍ତୁ। ପ୍ରସଙ୍ଗଟିକୁ ଉପସ୍ଥାପନ କରି ଓ ସେଥିରେ ଥିବା ଅପରିଚିତ ଶବ୍ଦ ବା ଧାରଣାଗୁଡ଼ିକୁ ପ୍ରାରମ୍ଭରେ ବୁଝାଇ ଆପଣ ଶିକ୍ଷାର୍ଥୀମାନଙ୍କର ବ୍ୟଗ୍ରତାକୁ କମାଇବାରେ ସାହାଯ୍ୟ କରିବେ ଓ ସେମାନଙ୍କର ପରବର୍ତ୍ତୀ ବୋଧଗମ୍ୟତା ପାଇଁ ସହାୟତା ଦେଇପାରିବେ।

ପାଠଟିର ଉଚ୍ଚ ପଠନ କରିବା ପରେ ଆପଣ ଏହା ବିଷୟରେ କ'ଣ ଭାବୁଛନ୍ତି ଶିକ୍ଷାର୍ଥୀମାନଙ୍କୁ ସଂକ୍ଷେପରେ କୁହନ୍ତୁ ଓ ଆପଣଙ୍କ ଭିତରେ ଏହା କି ପ୍ରକାର ଭାବନା ଉଦ୍ରେକ କରୁଛି। ଏହି ଉପାୟରେ ପୁସ୍ତକ କଥନ ପ୍ରତିରୂପ ଗଠନ କରିବା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ, ଆରମ୍ଭରେ ଏହା ଯତ୍ନର ସହିତ କରିବା ସବୁଠାରୁ ଭଲ। ଯାହା ଫଳରେ ସେହି ଅନୁପାତରେ ଆପଣ ଶିକ୍ଷାର୍ଥୀମାନଙ୍କର ନିଜ ପ୍ରତିକ୍ରିୟାଗୁଡ଼ିକୁ ଅତିମାତ୍ରାରେ ପ୍ରଭାବିତ କରିବେ ନାହିଁ। ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ପ୍ରତିକ୍ରିୟା ପ୍ରକାଶ କରିବାକୁ କହି ସେମାନଙ୍କୁ ପଚାରନ୍ତୁ (ଉଦାହରଣ ସ୍ୱରୂପ)

- ପାଠଟିର ସେମାନେ କ'ଣ ପସନ୍ଦ ବା ନାପସନ୍ଦ କଲେ ?
- ଚରିତ୍ରଗୁଡ଼ିକ ବିଷୟରେ ସେମାନେ କ'ଣ ଭାବିଲେ ?
- ସେଥିରେ କୌଣସି କଥା ବିଭ୍ରାନ୍ତିକର ଥିଲା କି ?
- ସେମାନେ ଏହାକୁ ସୁପାରିଶ କରିବେ କି ?

ଆପଣଙ୍କ ଶିକ୍ଷାର୍ଥୀମାନେ ଦେଇଥିବା ସମସ୍ତ ଉତ୍ତରଗୁଡ଼ିକ ଉପରେ ଆଗ୍ରହ ଦେଖାନ୍ତୁ।

ଆପଣଙ୍କ ଶ୍ରେଣୀ ଯଦି ବଡ଼, ପ୍ରତିଦିନ ଅନ୍ୟ ଏକ ଦଳ ସହ ପୁସ୍ତକ କଥନ ଅଧିବେଶନ ପାଇଁ ଯୋଜନା କରନ୍ତୁ। ଶ୍ରେଣୀର ଅନ୍ୟମାନଙ୍କ ପାଇଁ ପୁସ୍ତକ କଥନ ସଂପର୍କିତ ସ୍ୱାଧୀନ କାର୍ଯ୍ୟମାନ ସ୍ଥିର କରନ୍ତୁ। ଯେତେବେଳେ ଆପଣ ଛୋଟ ଦଳରେ ସମୟ ବିତାଉଛନ୍ତି, ଶ୍ରେଣୀକୁ ସେମାନଙ୍କ ସ୍ତର ଅନୁସାରେ ଭାଗ କରି ଆପଣ ପାଠକୁ ବାଛି ପାରିବେ, ଯାହା ପ୍ରତ୍ୟେକ ଦଳ ପାଇଁ ଯଥାର୍ଥ ହୋଇ ପାରିବ।

ପୁସ୍ତକ କଥନ ଅଧିବେଶନ ଆପଣ ଉଚ୍ଚ ପଠନ କରିଥିବା ପାଠରେ ସୀମିତ ହେବା ଉଚିତ୍ ନୁହେଁ କିନ୍ତୁ ଏହା ସେମାନେ ନିଜେ ନିଜେ ପଢ଼ିଥିବା ପାଠକୁ ସଂପ୍ରସାରିତ ହେବା ଦରକାର।

ଆପଣଙ୍କ ପାଇଁ କୈନ୍ଦ୍ରିକ ସମ୍ବଳ "ଶିକ୍ଷଣ ପାଇଁ କଥନ" ଏହି କ୍ଷେତ୍ରରେ ପଢ଼ିବା ସହାୟକ ହୋଇପାରେ।

ଭିଡ଼ିଓ : ଶିକ୍ଷଣ ପାଇଁ କଥନ

## ଶିକ୍ଷଣକାର୍ଯ୍ୟ ୨ : ଶିକ୍ଷାର୍ଥୀମାନଙ୍କ ପୁସ୍ତକ ସମୀକ୍ଷା

ଆପଣ ଶିକ୍ଷାର୍ଥୀମାନଙ୍କୁ ସେମାନେ ଯାହା ପଢ଼ିଛନ୍ତି ତାହା ଉପରେ ଏକ ସଂକ୍ଷିପ୍ତ ସମୀକ୍ଷା ଲେଖିବାକୁ କହି, ଆପଣ ପୁସ୍ତକ କଥନ ଅଧିବେଶନକୁ ସଂପ୍ରସାରିତ କରିପାରିବେ। ଛବି – ୨କୁ ଆପଣ ଇଚ୍ଛା କଲାଭଳି ବିଚାରକୁ ନେଇ ପାରିବେ। ଶ୍ରେଣୀଗୃହର ଆଲୋଚନା ଅନୁଯାୟୀ ଆପଣଙ୍କ ସମସ୍ତ ଶିକ୍ଷାର୍ଥୀ ଦେଇଥିବା ସମସ୍ତ ମତଗୁଡ଼ିକୁ ଗ୍ରହଣ କରି ମୂଲ୍ୟାୟନ କରିବା ଉଚିତ୍।

ପୁସ୍ତକ ସମୀକ୍ଷା ଫର୍ଦ୍ଦ

ନାମ________________________________

ପୁସ୍ତକର ଶିରୋନାମା ଓ ଲେଖକ

_____________________________________________

_____________________________________________

କେତେକ କଥା ମୁଁ ପସନ୍ଦ କଲି ଯାହା

ସବୁଠାରୁ ଅଧିକ ସ୍ମରଣୀୟ ଅଂଶ ଯାହା

ମୁଁ ପୁସ୍ତକଟିଏ ସୁପାରିଶ କରିବି କାରଣ

ଚିତ୍ର – ୨ ଗୋଟିଏ ପୁସ୍ତକ ସମୀକ୍ଷା ସାରଣୀ (ଉତ୍ସ : ଶିକ୍ଷା ପୃଥିବୀ)

ପରବର୍ତ୍ତୀ ଭାଗରେ ବୋଧଗମ୍ୟତା ଓ ଉପଭୋଗକୁ ସହାୟତା କରିବାକୁ ଯୋଡ଼ି ପଠନ ଅଭ୍ୟାସ ଆପଣ ଦେଖିବେ।

## ୩ ଯୋଡ଼ି ପଠନ

ଏକାକୀ ପଠନ ତୁଳନାରେ ଏକତ୍ର ପଠନ ଅଧିକ ଲାଭଦାୟକ ହୋଇପାରିବ ଓ ଏହା ମଧ୍ୟ କୌତୁକିଆ ହୋଇ ପାରିବ।

ଯେତେବେଳେ ଜଣେ ଶିକ୍ଷାର୍ଥୀ ପାଠକ ଭାବରେ ଅନ୍ୟ ଭଳି ଆତ୍ମବିଶ୍ୱାସୀ ହୋଇ ପାରେ ନାହିଁ, ସେତେବେଳେ ଯୋଡ଼ି ପଠନ ଏକ ସହାୟତା, ସହଭାଗୀ ଶିକ୍ଷଣ ପ୍ରଣାଳୀ ଯୋଗାଇ ଦିଏ, ଯାହା ଏକ ଆଦର୍ଶ ପ୍ରଣାଳୀ ଅଟେ। ଶିକ୍ଷାର୍ଥୀମାନେ ପରସ୍ପରର ଶିକ୍ଷକ ହୋଇପାରିବେ। ଏହି ଉପାୟରେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ସଂଗଠିତ କରିବା ପାଇଁ ଅଧିକ ଜାଣିବା ନିମିତ୍ତ ସମ୍ବଳ – ୧ "ଯୋଡ଼ି କାର୍ଯ୍ୟର ବ୍ୟବହାର" ପଢ଼ନ୍ତୁ।

ଭିଡ଼ିଓ : ଯୋଡ଼ି କାର୍ଯ୍ୟର ବ୍ୟବହାର

ଯୋଡ଼ି ପଠନ ସହିତ, ଦୁଇଜଣ ଶିକ୍ଷାର୍ଥୀ ଗୋଟିଏ ପୁସ୍ତକ ବିନିମୟ କରନ୍ତି ଓ ପାଳି କରି ଗୋଟିଏ ବାକ୍ୟ, ଅନୁଚ୍ଛେଦ ଓ ପୃଷ୍ଠାକୁ ନିଅନ୍ତି (ଛବି-୩) ପ୍ରଥମ ପାଠକ ପଢୁଥିବା ସମୟରେ ଦ୍ୱିତୀୟ ପାଠକ ଶୁଣେ ଓ ତାକୁ ଅନୁସରଣ କରେ। ଦ୍ୱିତୀୟ ପାଠକ ଜଣକ ତା' ପରେ ପ୍ରଥମ ପାଠକ ଛାଡ଼ିଥିବା ପାଠକୁ ଆରମ୍ଭ କରେ। ଯଦି ସେମାନଙ୍କ ମଧ୍ୟରୁ ଜଣେ ପଛେଇ ଯାଆନ୍ତି ବା କୌଣସି ତ୍ରୁଟି କରନ୍ତି, ସେମାନଙ୍କର ସହଭାଗୀ ଜଣକ ସହାୟତା ବା ସଂଶୋଧନ କରିପାରିବେ।



**ଛବି - ୩ ଯୋଡ଼ି ପଠନ**

ସମାନ ପଠନ ଦକ୍ଷତା ଥିବା ଶିକ୍ଷାର୍ଥୀମାନଙ୍କୁ ଆପଣ ଯୋଡ଼ି ଗଠନ ପାଇଁ ପସନ୍ଦ କରିପାରନ୍ତି ବା ଅଧିକ ବାକ୍‌ପଟୁ ପାଠକ ସହ କମ୍ ଥିବା ପାଠକ, ବା ବୟସ୍କ ପାଠକ ସହ ଅଳ୍ପବୟସ୍କ ପାଠକଙ୍କୁ ଏକ ବହୁଶ୍ରେଣୀୟ ପରିସ୍ଥିତିରେ ନେଇ ପାରନ୍ତି। ଯଦି ସଂଗଠନ ଉତ୍ତମ ହୁଏ, ତେବେ ଯୋଡ଼ି ପଠନ ଅଧିକ ସଂଖ୍ୟକ ଶିକ୍ଷାର୍ଥୀମାନଙ୍କ ସହିତ ବ୍ୟବହାର କରାଯାଇ ପାରିବ।

ବର୍ତ୍ତମାନ ଜଣେ ଶିକ୍ଷକଙ୍କ ପରିସ୍ଥିତି ଅନୁଧ୍ୟାନ ପଢ଼ନ୍ତୁ ଯେ କି ବହୁଭାଷୀ ଶିକ୍ଷାର୍ଥୀମାନଙ୍କ ପାଇଁ ଯୋଡ଼ି ପଠନର ଉପାଦେୟତାକୁ ସ୍ୱୀକୃତି ଦେଇଅଛନ୍ତି।

## ପରିସ୍ଥିତି ଅନୁଧ୍ୟାନ - ୩ ବହୁଭାଷୀ ପଠନ ସହାୟତା ପାଇଁ ଯୋଡ଼ି କାର୍ଯ୍ୟ

ସୁନ୍ଦରଗଡ଼ ଜିଲ୍ଲାର ଶ୍ରୀଯୁକ୍ତ ସିଂହ ଗୋଟିଏ ଗ୍ରାମୀଣ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ଶିକ୍ଷାଦାନ କରନ୍ତି।

ମୋର କେତେକ ଶିକ୍ଷାର୍ଥୀ ତାଙ୍କର ଘର ଭାଷା ମୁଣ୍ଡା ଭାଷାରେ କଥା ହୁଅନ୍ତି। ବିଦ୍ୟାଳୟରେ ସେମାନେ ଓଡ଼ିଆ ବୁଝିବାରେ ଓ କହିବାରେ ଦ୍ରୁତ ବିକାଶ କରିପାରିଛନ୍ତି କିନ୍ତୁ ଉଚ୍ଚ ପଠନ କରିବାରେ କମ୍ ଭରଷା ରହିଛି। ଶ୍ରେଣୀରେ ସୁରୁମୀ ନାମକ ମୋର ଜଣେ ଛାତ୍ରୀ କିପରି ବହିକୁ ଦେଖୁଥିଲା ମୁଁ ଲକ୍ଷ୍ୟ କଲି। ସେ ଚିତ୍ରଗୁଡ଼ିକରେ ମଜ୍ଜି ଯାଇଥିବାର ଜଣାପଡୁଥିଲା କିନ୍ତୁ ପୃଷ୍ଠାରେ ଥିବା ଶବ୍ଦଗୁଡ଼ିକୁ ବୁଝିପାରିବା ଭଳି ଲାଗୁନଥିଲା।

ଦିନେ ବହିଟି ପଢୁଥିବାବେଳେ ମୁଁ ତା' ପାଖରେ ବସିଲି ଓ ତାକୁ ଗପଟି ବିଷୟରେ ପଚାରିଲି। ସେ ମୋ ପ୍ରଶ୍ନଟିକୁ ବୁଝିପାରିଲା କିନ୍ତୁ ଉତ୍ତର ଦେବାକୁ କଷ୍ଟ ଅନୁଭବ କଲା। ତେଣୁ ଚିତ୍ର ଓ ଛବିଗୁଡ଼ିକୁ ସୂଚିତ କରି ବହିର ଗୋଟିଏ ଅଂଶକୁ ପଢ଼ିଲି। ମୁଁ ତାକୁ କିଛି ସହଜ ପ୍ରଶ୍ନମାନ ପଚାରିଲି ଓ ସେ ମୁଣ୍ଡା ଓ ଓଡ଼ିଆ ମିଶାଇ ଉତ୍ତର ଦେଲା। ମୁଣ୍ଡା ଓ ଓଡ଼ିଆ କହୁଥିବା ଜଣେ ବୟସ୍କ ଶିକ୍ଷାର୍ଥୀକୁ ସୁରୁମୀକୁ ପଢ଼ାଇ ଦେବାକୁ ମୋର ମନକୁ ଗୋଟିଏ ଧାରଣା ଆସିଲା। ସେ ଯେତେବେଳେ ଏପରି କଲା, ସେ ତା'ର ଘର ଭାଷାରେ ଶବ୍ଦର ଅର୍ଥ ବୁଝାଇ ଦେଲା। ସୁରୁମୀ ମନଯୋଗ ସହକାରେ ଶୁଣି ତା'ର ପ୍ରଶ୍ନଗୁଡ଼ିକର ଉତ୍ତର ମୁଣ୍ଡା ଓ ଓଡ଼ିଆ ଭାଷାର ମିଶାଇ କରିଦେଲା।

ମୁଁ ଛବିଥିବା ଅନ୍ୟ ବହିଗୁଡ଼ିକୁ ଖୋଜିଲି। ଭାବିଲି ଯେ ଏଗୁଡ଼ିକ ସୁରୁମୀକୁ ଭଲ ଲାଗିବ। ମୁଁ ଗୋଟିଏ ବହି ପାଇଲି ଯେଉଁଥିରେ ପରିଚିତ ଲୋକକଥାଗୁଡ଼ିକ ସନ୍ନିବେଶିତ ହୋଇଥିଲା। ଏହା ଏକ ପୁନରାବୃତ୍ତି ହୋଇଥିବା ବାକ୍ୟାଂଶଭିତ୍ତିକ ସରଳ ପଠନ ବହିଟିଏ

ଥିଲା । ମୁଁ ଜଣେ ସହକର୍ମୀଙ୍କୁ ଏଥିରେ ଥିବା ଗପଗୁଡ଼ିକୁ ମୁଣ୍ଡା ଭାଷାରେ ଅନୁବାଦ କରିବାକୁ କହିଲି, ଯାହାଫଳରେ ସୁରୁମୀ ଓଡ଼ିଆ ଓ ନିଜ ଘର ଭାଷାରେ ଏହା ଲେଖା ହୋଇଥିବାର ଦେଖିପାରିବ । ଧୀରେ ଧୀରେ ସୁରୁମୀ ଓଡ଼ିଆ ସହିତ ଅଧିକ ପରିଚିତ ହେଲା ଓ ଏହିପ୍ରକାର ବହିଗୁଡ଼ିକୁ ଅଧିକରୁ ଅଧିକ ବୁଝିଲା । ସେ ବର୍ତ୍ତମାନ ଲମ୍ବା ବାକ୍ୟଯୁକ୍ତ ଟିକିଏ ଅଧିକ କ୍ଲିଷ୍ଟ ବହିଗୁଡ଼ିକୁ ପଢୁଛି । ତା'ର ଅଗ୍ରଗତିକୁ ପର୍ଯ୍ୟବେକ୍ଷଣ କରିବା ସନ୍ତୋଷଜନକ ହୋଇପାରିଛି ।



## ଟିକିଏ ଚିନ୍ତା କରନ୍ତୁ

- ବିଦ୍ୟାଳୟରେ ଶିକ୍ଷାର୍ଥୀମାନଙ୍କ ପାଇଁ ଘର ଭାଷା ମିଶାଇବା ଯଥାର୍ଥ ବୋଲି ଆପଣ ଭାବୁଛନ୍ତି କି ?
- ମୁଣ୍ଡା ଭାଷା ଜାଣିଥିବା ଜଣେ ଶିକ୍ଷାର୍ଥୀ ସହ ଯୋଡ଼ି ପଠନ କାହିଁକି ସାହାଯ୍ୟ କଲା ?

ଆମେ ଏକ ଭିନ୍ନତା ବିଶିଷ୍ଟ ବହୁଭାଷୀ ସମାଜରେ ବାସ କରୁ, ଯେଉଁଠି ଆମର ସମସ୍ତ ଭାଷା ମୂଲ୍ୟବାନ୍ ସମ୍ବଳ ଅଟେ । ଶିକ୍ଷାର୍ଥୀମାନଙ୍କୁ ଘର ଭାଷା ବ୍ୟବହାର କରିବାକୁ ଉତ୍ସାହିତ କରିବା ସେମାନଙ୍କୁ ବିଦ୍ୟାଳୟରେ ଅଧିକ ଆତ୍ମବିଶ୍ୱାସୀ ଓ ସହଜ କରି ପାରିବା ଓ ସେମାନଙ୍କୁ ଓଡ଼ିଆ ଭାଷା ବ୍ୟବହାରରେ ଉନ୍ନତି କରିବାରେ ସାହାଯ୍ୟ କରିପାରିବ । ଏପରିକି ଯଦି ଆପଣଙ୍କ ସମସ୍ତ ଶିକ୍ଷାର୍ଥୀ କହୁଥିବା ଏକ ଘର ଭାଷା ଆପଣ କହି ନ ପାରନ୍ତି, ସେଠାରେ କେତେକ ଶିକ୍ଷାର୍ଥୀ ଥାଇପାରନ୍ତି ଯେଉଁମାନେ କି ବିଦ୍ୟାଳୟରେ ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବେ । ଶିକ୍ଷାର୍ଥୀମାନେ ଯେଉଁମାନେ କି ଏକା ଘର ଭାଷା କହନ୍ତି ସେମାନଙ୍କୁ ଯୋଡ଼ିରେ ବା ଛୋଟ ଦଳଗୁଡ଼ିକରେ ପଢ଼ିବାକୁ ଉତ୍ସାହିତ କରାଯାଇ ପାରିବ । ଏହିପରି ଭାବରେ ସେମାନେ ଘରଭାଷା ବ୍ୟବହାର କରି ବିଦ୍ୟାଳୟ ଭାଷାର ବିକାଶରେ ସହାୟତା କରିବାକୁ ଜଣେ ଅନ୍ୟଜଣଙ୍କୁ ସାହାଯ୍ୟ କରିପାରିବେ ।

ପରବର୍ତ୍ତୀ କାର୍ଯ୍ୟଟି ଆପଣଙ୍କ ଶ୍ରେଣୀଗୃହରେ ଯୋଡ଼ି ପଠନ ବ୍ୟବହାରକୁ ସନ୍ନିବେଶିତ କରିବାରେ ଆପଣଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସ୍ତୁତ କରାଯାଇଛି ।

## ଶିକ୍ଷଣକାର୍ଯ୍ୟ ୩ : ଯୋଡ଼ି ପଠନକୁ ଉପସ୍ଥାପନ ଓ ସଂଗଠନ କରିବା

ଏହି କାର୍ଯ୍ୟଟି ଯୋଡ଼ିରେ ବା ତିନି କିମ୍ବା ଚାରିଜଣିଆ ଛୋଟ ଦଳରେ କରାଯାଇ ପାରିବ । ଆଗରୁ ସ୍ଥିର କରନ୍ତୁ କେଉଁ ଶିକ୍ଷାର୍ଥୀମାନଙ୍କୁ ନେଇ ଆପଣ ଯୋଡ଼ି ବା ଦଳ କରିବାକୁ ଚାହାଁନ୍ତି । ସେମାନେ ଖାପଖୁଆଇ ପାରୁଥିବା ଏକା ବା ଭିନ୍ନ ଭିନ୍ନ ଦକ୍ଷତାଗୁଡ଼ିକର ହେବେ ? ଶିକ୍ଷାର୍ଥୀମାନେ କ'ଣ ପଢ଼ିବେ ବାଛନ୍ତୁ । ଆପଣଙ୍କ ପାଖରେ ପାଠର ପର୍ଯ୍ୟାପ୍ତ ନକଲ ଯେପରି ଥାଏ ନିଶ୍ଚିତ କରନ୍ତୁ ।

ଯୋଡ଼ି ପଠନ ପ୍ରତିରୂପ ଗଠନ କରି ଆରମ୍ଭ କରନ୍ତୁ ଯାହା ଫଳରେ ଆପଣଙ୍କ ଶିକ୍ଷାର୍ଥୀମାନେ ଜାଣିବେ ଯେ ଆପଣ ସେମାନେ କ'ଣ କରିବାକୁ ଆଶା କରନ୍ତି । ଶିକ୍ଷାର୍ଥୀମାନଙ୍କୁ ପୁସ୍ତକ ବା ଅନୁଚ୍ଛେଦ ଯାହା ସେମାନେ ପଢ଼ିବାକୁ ଯାଉଛନ୍ତି ଦେଖାନ୍ତୁ ଓ ସେମାନଙ୍କ ଭିତରୁ ଜଣଙ୍କୁ ଆପଣଙ୍କର ସହଯୋଗୀ ଭାବରେ ବାଛନ୍ତୁ । ତାକୁ ବୁଝାଇ ଦିଅନ୍ତୁ ଯେ ଆପଣ ଏକତ୍ର ଅନୁଚ୍ଛେଦଟିକୁ ବଡ଼ ପାଟିରେ ପଢ଼ିବା ଆରମ୍ଭ କରିବେ, ତା'ପରେ ପାଳିକରି ପଢ଼ିବେ । ପ୍ରଥମ ଅନୁଚ୍ଛେଦଟି ଏକତ୍ର ପଢ଼ିବା ଆରମ୍ଭ କରନ୍ତୁ । ତା' ପରେ ପରବର୍ତ୍ତୀ ଅନୁଚ୍ଛେଦଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ପଢ଼ିବାକୁ ଦିଅନ୍ତୁ । ପରିବର୍ତ୍ତନ କରନ୍ତୁ ଓ ପରବର୍ତ୍ତୀ ଅନୁଚ୍ଛେଦଟିକୁ ନିଜେ ପଢ଼ନ୍ତୁ । ଏହିପରି ଅନେକ ସମୟ ପାଳିକରି ପଢନ୍ତୁ ।

ପ୍ରଥମ ଶିକ୍ଷାର୍ଥୀ ସହିତ ଯୋଡ଼ି ପାଇଁ ଆଉ ଜଣଙ୍କୁ ବାଛନ୍ତୁ ଓ ଏକତ୍ର ଯୋଡ଼ି ପଠନ କିପରି କରାହେବ ସେମାନଙ୍କୁ ପ୍ରଦର୍ଶିତ କରିବାକୁ ସୁଯୋଗ ଦିଅନ୍ତୁ । ଆପଣ ଯଦି ଏକ ବଡ଼ ଦଳ କରିବାକୁ ଚାହାଁନ୍ତି, ତେବେ ତୃତୀୟ ବା ଚତୁର୍ଥ ଶିକ୍ଷାର୍ଥୀଙ୍କୁ ଏଥିରେ ଯୋଗଦେବାକୁ କୁହନ୍ତୁ ।

ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ ଯେ ଯଦି ସେମାନଙ୍କର ସହଯୋଗୀ ବା ଦଳର ସଦସ୍ୟଙ୍କର ଅସୁବିଧା ଥାଏ, ସେମାନଙ୍କୁ ସାହାଯ୍ୟ କରିବା ପୂର୍ବରୁ ସେମାନେ କିଛି ସମୟ ଅପେକ୍ଷା କରିବା ଉଚିତ୍ । ସମସ୍ୟା ସମାଧାନ ପାଇଁ ସେମାନଙ୍କୁ ସୁଯୋଗ ଦେବା ଦରକାର । ଶିକ୍ଷାର୍ଥୀମାନଙ୍କୁ ସହାୟକ ସୂଚନା ପ୍ରଦାନ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇ ଦିଅନ୍ତୁ ଯେପରି ସଂପୂର୍ଣ୍ଣ ଉତ୍ତର ଦେବା ବ୍ୟତୀତ ଶବ୍ଦର

ପ୍ରଥମଧ୍ୱନୀ କୁହାଯାଇପାରେ। ପ୍ରାରମ୍ଭିକ ଅବସ୍ଥାରେ ଯୋଡ଼ି ପଠନ ମୋଟ ଦଶ ମିନିଟ୍ ହେବା ଉଚିତ୍। ଯେତେବେଳେ ଆପଣଙ୍କ ଶିକ୍ଷାର୍ଥୀମାନେ ଏହି କାର୍ଯ୍ୟରେ ଅଭ୍ୟସ୍ତ ହୋଇଯିବେ ଅତିବେଶୀରେ ତିରିଶ ମିନିଟ୍ ପର୍ଯ୍ୟନ୍ତ ଏହା କରାଯାଇ ପାରିବ। ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ଧୀର/ଶାନ୍ତ ସ୍ୱରରେ ପଠନ କରିବାକୁ ଉତ୍ସାହିତ କରନ୍ତୁ ଯେପରି ସେମାନଙ୍କର ସହପାଠୀମାନଙ୍କର ଅସୁବିଧା ନ ହୁଏ।

ଶ୍ରେଣୀରେ ବୁଲନ୍ତୁ ଓ ଯତ୍ନର ସହ ଶୁଣି ତଦାରଖ କରନ୍ତୁ ଯେ ଆପଣଙ୍କର ଶିକ୍ଷାର୍ଥୀମାନେ କାର୍ଯ୍ୟଟିକୁ ବୁଝିଛନ୍ତି। ଯେଉଁମାନେ ପଠନରେ ଅସୁବିଧା ସାମନା କରୁଛନ୍ତି, ସେମାନଙ୍କୁ ସହାୟତା ଦିଅନ୍ତୁ। ଶିକ୍ଷାର୍ଥୀମାନେ ଏକତ୍ର ଯାହା କରିଛନ୍ତି ତାହାର ଏକ ଲେଖା ରଖନ୍ତୁ। କେତେ ଭଲଭାବରେ କଲେ ତାହା ଅନୁଧ୍ୟାନ କରି ନିର୍ଦ୍ଦିଷ୍ଟ ଭାବରେ ପରସ୍ପର ସହ କାମ କରିବା କେତେକ କ୍ଷେତ୍ରରେ ଉପଯୁକ୍ତ ହୋଇଥିବାବେଳେ, ଏହା ମଧ୍ୟ ସମୟ ସମୟରେ ଯୋଡ଼ି ବା ଦଳର ଗଠନରେ ଭିନ୍ନତା ଆଣିବାରେ ସହାୟକ ହୋଇ ପାରିବ।

କାର୍ଯ୍ୟ ଶେଷରେ ଶିକ୍ଷାର୍ଥୀମାନଙ୍କୁ ପଚାରନ୍ତୁ ଯେ ସେମାନେ ଏହାକୁ ଉପଭୋଗ କଲେ କି ଓ ଏହା ଉପଯୋଗୀ ବୋଲି ସେମାନେ ଅନୁଭବ କଲେ କି ? ପରସ୍ପରକୁ ସାହାଯ୍ୟ କରିଥିବାରୁ ସେମାନଙ୍କୁ ପ୍ରଶଂସା କରନ୍ତୁ। ଯୋଡ଼ି ପଠନର ପ୍ରତିକାରମୂଳକ ଭାବେ ପାଠର ସଂକ୍ଷିପ୍ତ ପୁସ୍ତକ କଥନ ଅଧିବେଶନ ଆପଣ ନେଇ ପାରିବେ।

## ୪ ସାରାଂଶ

ବିଦ୍ୟାଳୟ ଭିତରେ ଓ ବାହାରେ ଆପଣଙ୍କ ଶିକ୍ଷାର୍ଥୀମାନେ ବହୁବିଧ ପାଠର ଆଗ୍ରହୀ, ଆତ୍ମବିଶ୍ୱାସୀ ଓ ଚିନ୍ତାଶୀଳ ପାଠକ ହେବାକୁ ସମର୍ଥ କରାଇବାରେ ଆପଣଙ୍କ ଭୂମିକା ସଂପର୍କରେ ଏହି ଏକକ ଆଲୋକପାତ କରିଛି। ଆନନ୍ଦଦାୟକ ପଠନ ପ୍ରତିରୂପ ଗଠନ ପୂର୍ବକ ଏଥିରେ ଶିକ୍ଷାର୍ଥୀମାନଙ୍କ ସକାରାତ୍ମକ ସଂପୃକ୍ତିରେ ଆପଣଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ।

ଏହି ଏକକ ଏକାଧିକ କାର୍ଯ୍ୟକୁ ସୂଚିତ କରିଥାଏ, ଯାହାକୁ ବାରମ୍ବାର ବ୍ୟବହାର କରି ଆପଣ ଶିକ୍ଷାର୍ଥୀମାନଙ୍କ ଶ୍ରେଣୀ ଗୃହରେ ପଠନ ବିକାଶକୁ ସହାୟତା କରିପାରିବେ। ଏହା ପୁସ୍ତକ କଥନ କାର୍ଯ୍ୟକୁ ସଂଶ୍ଳିଷ୍ଟ କରିଥାଏ, ଯାହା ଶିକ୍ଷାର୍ଥୀମାନଙ୍କୁ ସେମାନେ ପଢ଼ିଥିବା ପାଠ ଓ ଯୋଡ଼ି ପଠନ ସଂପର୍କରେ ସେମାନଙ୍କର ପ୍ରତିକ୍ରିୟାକୁ ବିନିମୟ କରିବାକୁ ସୁଯୋଗ ପ୍ରଦାନ କରିଥାଏ, ଯେଉଁଠି ଶିକ୍ଷାର୍ଥୀମାନେ ସେମାନେ ଏକତ୍ର ପଠନ କରିଥିବା ପାଠକୁ ଆଲୋଚନା କରିପାରିବେ। ଅନ୍ୟ କାର୍ଯ୍ୟଗୁଡ଼ିକ ପରି, ପଠନ ଏକ କୌଶଳ ଯାହା ଅଭ୍ୟାସ ଦ୍ୱାରା ବିକଶିତ ହୁଏ ଓ ଆପଣଙ୍କର ଶିକ୍ଷାର୍ଥୀମାନେ ଯଦି ପଠନକୁ ଉପଭୋଗ କରନ୍ତି ଓ ପଢ଼ିଥିବା ପାଠ ବିଷୟରେ କଥୋପକଥନ କରିବାକୁ ଚାହାଁନ୍ତି ତେବେ ସେମାନଙ୍କୁ ଅଧିକ ଅଭ୍ୟାସ କରିବାକୁ ପଡ଼ିବ।

## ସମ୍ବଳ ସମୂହ

### ସମ୍ବଳ -୧ : ଯୋଡ଼ି କାର୍ଯ୍ୟର ବ୍ୟବହାର କରିବା

ଦୈନନ୍ଦିନ ଲୋକମାନେ ପାଖରେ କାମ କରନ୍ତି, ଅନ୍ୟମାନଙ୍କ ସହ କଥା ହୁଅନ୍ତି ଓ ଶୁଣନ୍ତି ଏବଂ ସେମାନେ କ'ଣ କରନ୍ତି ଓ କିପରି ଏହାକୁ କରନ୍ତି ଦେଖନ୍ତି। ଏହିପରି ଲୋକମାନେ ଶିଖନ୍ତି। ଅନ୍ୟ ସହିତ କଥୋପକଥନ କରି ନୂଆ ଧାରଣାଗୁଡ଼ିକୁ ଓ ତଥ୍ୟଗୁଡ଼ିକୁ ଆମେ ଆବିଷ୍କାର କରୁ। ଯଦି ଶ୍ରେଣୀଗୃହରେ ଶିକ୍ଷକଙ୍କ ପାଖରେ ସବୁ କେନ୍ଦ୍ରୀଭୂତ ହୁଏ, ତେବେ ଅଧିକାଂଶ ଶିକ୍ଷାର୍ଥୀ ପ୍ରାକ୍‌ପରୀକ୍ଷଣ ବା ସେମାନଙ୍କର ଶିକ୍ଷଣର ପ୍ରଦର୍ଶନ କିମ୍ବା ପ୍ରଶ୍ନମାନ ପଚାରିବାକୁ ପର୍ଯ୍ୟାପ୍ତ ସମୟ ପାଇବେ ନାହିଁ। କେତେକ ଶିକ୍ଷାର୍ଥୀ କେବଳ କ୍ଷୁଦ୍ର ଉତ୍ତରମାନ ଦେଇପାରନ୍ତି ଓ ଆଉ କେତେକ ଆଦୌ ଉତ୍ତର ଦିଅନ୍ତି ନାହିଁ। ବଡ଼ ଶ୍ରେଣୀରେ ସ୍ଥିତି ଆହୁରି ଖରାପ ଯେଉଁଠି କିଛି ଶିକ୍ଷାର୍ଥୀ କୌଣସି କଥା ଆଦୌ କହନ୍ତି ନାହିଁ ।

## ଯୋଡ଼ି କାର୍ଯ୍ୟର ବ୍ୟବହାର କାହିଁକି ?

ଶିକ୍ଷାର୍ଥୀଙ୍କ କଥୋପକଥନ ଓ ଅଧିକ ଶିକ୍ଷଣ ପାଇଁ ଯୋଡ଼ି କାର୍ଯ୍ୟ ଏକ ସ୍ୱାଭାବିକ ଉପାୟ। ଏହା ସେମାନଙ୍କୁ ଧାରଣା ଓ ନୂଆ ଭାଷା ବିଷୟରେ ଚିନ୍ତା କରିବା ପାଇଁ ଓ ଧାରଣାର ପ୍ରାକ୍ ପରୀକ୍ଷଣ ସୁଯୋଗ ଦିଏ। ଏହା ଶିକ୍ଷାର୍ଥୀମାନଙ୍କୁ ନୂଆ ଦକ୍ଷତା ଓ ଧାରଣା ଗୁଡିକ ମାଧ୍ୟମରେ କାମ କରିବା ପାଇଁ ସହଜ ଉପାୟପ୍ରଦାନ କରିପାରିବ। ଏହା ମଧ୍ୟ ବଡ ଶ୍ରେଣୀରେ ଭଲଭାବରେ କାମ କରିଥାଏ।

ଯୋଡ଼ି କାର୍ଯ୍ୟ ସବୁ ବିଷୟ ଓ ବୟସ ପାଇଁ ଯଥାର୍ଥ ଅଟେ । ଏହା ବିଶେଷତଃ ବହୁଭାଷୀ, ବହୁ ସ୍ତର ଶ୍ରେଣୀଗୁଡ଼ିକ ପାଇଁ ଉପଯୋଗୀ କାରଣ ପରସ୍ପରକୁ ସାହାଯ୍ୟ କରିବାକୁ ଯୋଡ଼ି ଗଠନ କରାଯାଇ ପାରିବ। ଏହା ବହୁତ ଭଲ କାମ କରେ ଆପଣ ଯେତେବେଳେ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଯୋଜନା କରନ୍ତି, ନିର୍ଘଣ୍ଟ ସ୍ଥିର କରନ୍ତି ଓ ଆପଣଙ୍କର ସମସ୍ତ ଶିକ୍ଷାର୍ଥୀ ଏଥିରେ ସାମିଲ ହୋଇଛନ୍ତି ଓ ଅଭିବୃଦ୍ଧି କରୁଛନ୍ତି। ଥରେ ଏହି ନିର୍ଘଣ୍ଟଗୁଡ଼ିକ ସ୍ଥିର ହୋଇଗଲେ, ଆପଣ ଦେଖିବେ ଯେ ଶିକ୍ଷାର୍ଥୀମାନେ ଯୋଡ଼ିରେ ଶୀଘ୍ର କାର୍ଯ୍ୟ କରିବାକୁ ଅଭ୍ୟସ୍ତ ହୋଇଥା'ନ୍ତି ଓ ଏହି ଉପାୟରେ ଶିକ୍ଷଣକୁ ଉପଭୋଗ କରନ୍ତି।

## ଯୋଡ଼ି କାର୍ଯ୍ୟ ପାଇଁ ଦତ୍ତ କାର୍ଯ୍ୟ ସମୂହ

ଶିକ୍ଷଣର ଇପ୍‌ସିତ ଫଳକୁ ନିର୍ଭର କରି ଆପଣ ବହୁବିଧ ଯୋଡ଼ି କାର୍ଯ୍ୟର ବ୍ୟବହାର କରିପାରିବେ। ଦଳଗତ କାର୍ଯ୍ୟର ଦାୟିତ୍ୱ ସ୍ପଷ୍ଟ ଓ ଠିକ୍ ହେବା ଉଚିତ୍ ଯାହା ଫଳରେ ଏକତ୍ର ଶିକ୍ଷଣ ଏକାକୀ ଶିକ୍ଷଣ ତୁଳନାରେ ଅଧିକ ସାହାଯ୍ୟ କରିବ। ସେମାନଙ୍କ ଧାରଣାଗୁଡ଼ିକ ବିଷୟରେ କଥା ହୋଇ ଆପଣଙ୍କ ଶିକ୍ଷାର୍ଥୀମାନେ ସ୍ୱତଃ ସେମାନଙ୍କ ବିଷୟରେ ଓ ସେମାନଙ୍କ ବିକାଶ ବିଷୟରେ ଚିନ୍ତା କରିବେ।

## ଯୋଡ଼ିକାର୍ଯ୍ୟ ଗୁଡିକ ନିମ୍ନୋକ୍ତ ଦିଗକୁ ସଂପୃକ୍ତ କରିପାରେ

- ଚିନ୍ତାକର – ଯୋଡିହୁଅ – ଆଲୋଚନା କର ଶିକ୍ଷାର୍ଥୀମାନେ ନିଜ ଭିତରେ ଗୋଟିଏ ସମସ୍ୟା ବା ବିଷୟକୁ ନେଇ ଚିନ୍ତା କରନ୍ତି ଓ ଅନ୍ୟ ଶିକ୍ଷାର୍ଥୀମାନଙ୍କ ସହ ସେମାନଙ୍କ ଉତ୍ତରକୁ ବିନିମୟ କରିବା ପୂର୍ବରୁ ସେମାନେ ଯୋଡ଼ିରେ ସମ୍ଭାବ୍ୟ ଉତ୍ତରଗୁଡ଼ିକ ପାଇଁ କାମ କରନ୍ତି। ଏହା ବନାନ, ହିସାବ କାର୍ଯ୍ୟ, ବର୍ଗୀକରଣ ବା କ୍ରମରେ ରଖିବା, ଭିନ୍ନ ମତ ପ୍ରଦାନ କରିବା, ଗପର ଚରିତ୍ରରେ ଉପସ୍ଥାପନ କରିବା ଇତ୍ୟାଦି।
- ସୂଚନା ବିନିମୟ କରିବା : ଶ୍ରେଣୀର ଅଧା ଶିକ୍ଷାର୍ଥୀମାନଙ୍କୁ ପ୍ରସଙ୍ଗର ଗୋଟିଏ ଦିଗର ତଥ୍ୟ ଦିଆଯାଇଥିବାବେଳେ ଅନ୍ୟ ଅଧାଙ୍କୁ ପ୍ରସଙ୍ଗର ଆଉ ଗୋଟିଏ ଦିଗର ତଥ୍ୟ ଦିଆଯାଇଥାଏ। ଏହା ପରେ ସେମାନେ ସମସ୍ୟାଟିକୁ ସମାଧାନ କରିବା ବା ଏକ ନିଷ୍ପତ୍ତିରେ ପହଞ୍ଚିବା ପାଇଁ ଯୋଡ଼ିରେ କାମ କରି ତଥ୍ୟଗୁଡ଼ିକୁ ବିନିମୟ କରନ୍ତି।
- ଦକ୍ଷତାଗୁଡ଼ିକର ଅଭ୍ୟାସ, ଯେପରି ଶୁଣିବା : ଜଣେ ଶିକ୍ଷାର୍ଥୀ ଗୋଟିଏ ଗପ ପଢ଼ିବ ଓ ଅନ୍ୟ ଜଣେ ପ୍ରଶ୍ନମାନ ପଚାରିବ, ଅନ୍ୟ ଜଣେ ଅନୁଚ୍ଛେଦଟିଏ ଓଡ଼ିଆରେ ପଢ଼ିବ, ଯେତେବେଳେ ଅନ୍ୟ ଜଣେ ଏହାକୁ ଲେଖିବାକୁ ଚେଷ୍ଟା କରିବ, ଅନ୍ୟ ଜଣେ ଗୋଟିଏ ଚିତ୍ର ବା ରେଖାଚିତ୍ର ବିଷୟରେ ବର୍ଣ୍ଣନା କରିବ ସେତେବେଳେ ଅନ୍ୟ ଜଣେ ଶିକ୍ଷାର୍ଥୀ ବର୍ଣ୍ଣନାକୁ ଆଧାର କରି ଏହାକୁ ଅଙ୍କନ କରିବ।
- ସୂଚନାକୁ ଅନୁସରଣ କରିବା : ଜଣେ ଶିକ୍ଷାର୍ଥୀ ସୂଚନାଗୁଡ଼ିକୁ ପଢ଼ିବ ଯାହା ଅନ୍ୟ ଜଣେ ଶିକ୍ଷାର୍ଥୀ ଏହାକୁ ନେଇ ଏକ କାର୍ଯ୍ୟ ସଂପୂର୍ଣ୍ଣ କରିବ।
- ଗଳ୍ପ କଥନ ବା ଭୂମିକା ଅଭିନୟ : ଶିକ୍ଷାର୍ଥୀମାନେ ଶିଖୁଥିବା ଭାଷାର ଏକ ବାର୍ତ୍ତାଳାପ ବା ଏକ ଗପ ସୃଷ୍ଟି କରିବା ପାଇଁ ଯୋଡ଼ିରେ କାର୍ଯ୍ୟ କରିପାରିବେ।

## ସଭିଙ୍କ ସଂପୃକ୍ତି ପାଇଁ ଯୋଡ଼ି କାର୍ଯ୍ୟର ପରିଚାଳନା କରିବା

ଯୋଡ଼ି କାର୍ଯ୍ୟ ସଭିଙ୍କ ସଂପୃକ୍ତି ପାଇଁ ଉଦ୍ଦିଷ୍ଟ। ଶିକ୍ଷାର୍ଥୀମାନେ ଭିନ୍ନ ଭିନ୍ନ ହୋଇଥିବାରୁ ଯୋଡ଼ି ଏପରି ପରିଚାଳିତ ହେବା ନିଶ୍ଚିତ ଯାହାଦ୍ୱାରା ସଭିଏଁ ଜାଣିବେ ସେମାନଙ୍କୁ କ'ଣ କରିବାକୁ ପଡ଼ିବ, ସେମାନେ କ'ଣ ଶିଖୁଛନ୍ତି ଓ ଆପଣଙ୍କର ଆଶାଗୁଡ଼ିକ କ'ଣ ? ଯୋଡ଼ି କାର୍ଯ୍ୟ ନିର୍ଘଣ୍ଟଗୁଡ଼ିକୁ ଆପଣଙ୍କ ଶ୍ରେଣୀରେ ସ୍ଥିର କରିବାକୁ ଆପଣ ନିମ୍ନୋକ୍ତ କାର୍ଯ୍ୟଗୁଡ଼ିକୁ କରିବା ଉଚିତ୍।

- ଶିକ୍ଷାର୍ଥୀମାନେ କାମ କରୁଥିବା ଯୋଡ଼ିକୁ ପରିଚାଳନା କରନ୍ତୁ। ବେଳେବେଳେ ଶିକ୍ଷାର୍ଥୀମାନେ ସାଥୀହୋଇ ଯୋଡ଼ିରେ କାମକରନ୍ତି, ବେଳେବେଳେ କରନ୍ତି ନାହିଁ। ସେମାନେ ଏହା ବୁଝିବା ଉଚିତ୍ ଯେ, ସେମାନଙ୍କର ସର୍ବାଧିକ ଶିକ୍ଷଣ ପାଇଁ ଆପଣ ଯୋଡ଼ିଗୁଡ଼ିକୁ ସ୍ଥିର କରିବେ।
- ଅଧିକ ଆହ୍ୱାନ ସୃଷ୍ଟି କରିବାକୁ ବେଳେବେଳେ ମିଶ୍ରିତ ଦକ୍ଷତା ଓ ବିଭିନ୍ନ ଭାଷାକୁ ଏକତ୍ର କରି ଯୋଡ଼ି ଗଠନ କରି ପାରିବେ, ଯାହାଫଳରେ ସେମାନେ ପରସ୍ପରକୁ ସାହାଯ୍ୟ କରିପାରିବେ। ଅନ୍ୟ ସମୟରେ ଆପଣ ସମାନ ସ୍ତରରେ କାର୍ଯ୍ୟ କରୁଥିବା ଶିକ୍ଷାର୍ଥୀମାନଙ୍କୁ ନେଇ ଯୋଡ଼ି ଗଠନ କରିପାରିବେ।
- ଲେଖା ପ୍ରସ୍ତୁତ କରି ରଖନ୍ତୁ, ଯାହାଫଳରେ ଆପଣ ଆପଣଙ୍କର ଶିକ୍ଷାର୍ଥୀମାନଙ୍କ ଦକ୍ଷତାଗୁଡ଼ିକୁ ଜାଣିପାରିବେ ଓ ସେହି ଅନୁସାରେ ସେମାନଙ୍କୁ ଯୋଡ଼ି କରି ପାରିବେ।
- ଆରମ୍ଭରେ ଯୋଡ଼ି କାର୍ଯ୍ୟର ଉପକାରିତାଗୁଡ଼ିକୁ ଶିକ୍ଷାର୍ଥୀମାନଙ୍କୁ ବୁଝାନ୍ତୁ। ପରିବାର ଓ ଗୋଷ୍ଠୀ ପ୍ରସଙ୍ଗ ଯେଉଁଠି ଲୋକମାନେ ସହଭାଗୀ ହୋଇଥା'ନ୍ତି ସେହି ଉଦାହରଣମାନ ବ୍ୟବହାର କରନ୍ତୁ।
- ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକୁ ସଂକ୍ଷିପ୍ତ ଓ ସ୍ୱଷ୍ଟ ରଖନ୍ତୁ।
- ଆପଣ ଚାହୁଁଥିବା ଭଳି ସେମାନେ କାର୍ଯ୍ୟ କରୁଛନ୍ତି ଏହା ନିଶ୍ଚିତ କରିବାକୁ ଶିକ୍ଷାର୍ଥୀମାନଙ୍କ ଯୋଡ଼ିଗୁଡ଼ିକୁ ତଦାରଖ କରନ୍ତୁ।
- ସେମାନଙ୍କ ଯୋଡ଼ିରେ ଶିକ୍ଷାର୍ଥୀମାନଙ୍କୁ ଭୂମିକା ଓ ଦାୟିତ୍ୱମାନ ଦିଅନ୍ତୁ, ଯେପରି ଗୋଟିଏ ଗପରୁ ଦୁଇଟି ଚରିତ୍ର ବା ସହଜ ସ୍ତର ଯଥା (୧ ଓ ୨ ବା କ ଓ ଖ)। ସେମାନେ ପରସ୍ପରକୁ ମୁହାଁମୁହିଁ ହେବା ପୂର୍ବରୁ ଏହା କରନ୍ତୁ ଯାହାଫଳରେ ସେମାନେ ଶୁଣିବେ।
- ଶିକ୍ଷାର୍ଥୀମାନେ ପରସ୍ପରକୁ ସାମନା କରିବସିବା ପାଇଁ ସହଜରେ ପରିବର୍ତ୍ତନ ବା ଘୁଞ୍ଚିପାରିବେ ଏହା ନିଶ୍ଚିତ କରନ୍ତୁ।

ଯୋଡ଼ି କାର୍ଯ୍ୟ ସମୟରେ ପ୍ରତ୍ୟେକ କାର୍ଯ୍ୟ ପାଇଁ ସେମାନଙ୍କ ପାଖରେ କେତେ ସମୟ ଅଛି ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ ଓ ନିୟମିତ ସମୟ ତଦାରଖ ସୁବିଧା ଦିଅନ୍ତୁ। ପରସ୍ପରକୁ ସାହାଯ୍ୟ କରୁଥିବା ଓ କାର୍ଯ୍ୟରତ ଥିବା ଯୋଡ଼ିକୁ ପ୍ରଶଂସିତ କରନ୍ତୁ। ଯୋଡ଼ିଗୁଡ଼ିକୁ ସ୍ଥିର ହେବାକୁ ଓ ନିଜର ସମାଧାନଗୁଡ଼ିକୁ ବାହାର କରିବାକୁ ସମୟ ଦିଅନ୍ତୁ – ଶିକ୍ଷାର୍ଥୀମାନେ ଚିନ୍ତା କରିବାକୁ ଓ କ'ଣ କରିପାରିବେ ଦେଖାଇବାକୁ ସମୟ ନେବା ପୂର୍ବରୁ ଏହା ସେମାନଙ୍କୁ ଖୁବ୍ ଶୀଘ୍ର ସଂପୃକ୍ତ ହେବାକୁ ପ୍ରଭାବିତ କରିବ। ସମସ୍ତେ କହୁଥିବା ଓ କାର୍ଯ୍ୟ କରୁଥିବା ପରିବେଶକୁ ଅଧିକାଂଶ ଶିକ୍ଷାର୍ଥୀ ଉପଭୋଗ କରନ୍ତି। ପର୍ଯ୍ୟବେକ୍ଷଣ ଓ ଶୁଣିବା ପାଇଁ ଆପଣ ଯେତେବେଳେ ଶ୍ରେଣୀରେ ବୁଲିବେ, ଏକତ୍ର କାର୍ଯ୍ୟ କରିବାରେ ଯେଉଁମାନେ ସହଜ ଅନୁଭବ କରୁଛନ୍ତି ତାହାର ତାଲିକା କରନ୍ତୁ, ଯେଉଁମାନେ ସଂପୃକ୍ତ ହୋଇନାହାଁନ୍ତି ସେମାନଙ୍କ ପ୍ରତି ସଚେତନ ହୁଅନ୍ତୁ ଓ ସାଧାରଣ ତ୍ରୁଟି, ଭୁଲ୍ ଧାରଣା ବା ସାରାଂଶମୂଳକ ତଥ୍ୟଗୁଡ଼ିକୁ ଲେଖି ରଖନ୍ତୁ।

କାର୍ଯ୍ୟ ଶେଷରେ ଶିକ୍ଷାର୍ଥୀମାନେ ବିକଶିତ କରିଥିବା କାର୍ଯ୍ୟ ମଧ୍ୟରେ ସଂଶୋଧନ କରିବାରେ ଆପଣଙ୍କର ଏକ ଭୂମିକା ରହିଛି। ଆପଣ କେତେକ ଯୋଡ଼ିକୁ ସେମାନଙ୍କର କାମ ଦେଖାଇବାକୁ ବାଛି ପାରନ୍ତି ବା ସେମାନଙ୍କ ପାଇଁ ଆପଣ ସାରାଂଶ ନିର୍ଣ୍ଣୟ କରିପାରିବେ। ଯେତେବେଳେ ଏକତ୍ର କାମ କରନ୍ତି, ଶିକ୍ଷାର୍ଥୀମାନେ ଉପଲବ୍ଧିର ଭାବନା ଅନୁଭବ କରିବାକୁ ପସନ୍ଦ କରନ୍ତି। ସମସ୍ତ ଯୋଡ଼ି ସେମାନଙ୍କର କାର୍ଯ୍ୟ ଉପସ୍ଥାପନ କରିବାର ଆବଶ୍ୟକତା ଆପଣ ଚାହିଁବେ ନାହିଁ – ଏହା ଅଧିକ ସମୟ ନେଇ ପାରେ କିନ୍ତୁ ଆପଣଙ୍କ ପର୍ଯ୍ୟବେକ୍ଷଣରୁ ଜାଣିଥିବା ଶିକ୍ଷାର୍ଥୀମାନଙ୍କୁ ବାଛନ୍ତୁ ଯେ'କି ସକାରାତ୍ମକ ଅବଦାନ ଦେଇ ପାରିବେ ଅନ୍ୟ ଶିକ୍ଷାର୍ଥୀମାନେ ଶିଖିବା ପାଇଁ। ଏହା ଭୟାଳୁ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଅବଦାନ ପାଇଁ ଆତ୍ମବିଶ୍ୱାସୀ କରାଇବାରେ ନିଶ୍ଚିତ ସୁଯୋଗ ପ୍ରଦାନ କରିବ।

ଯଦି ଆପଣ ଶିକ୍ଷାର୍ଥୀମାନଙ୍କୁ ଆପଣ ଏକ ସମସ୍ୟା ସମାଧାନ କରିବାକୁ ଦେଇଛନ୍ତି, ଆପଣ ଏକ ଆଦର୍ଶ ଉତ୍ତର ଦେଇପାରିବେ ଓ ଏହା ପରେ ଯୋଡ଼ିରେ ଆଲୋଚନା କରି ସେମାନଙ୍କ ଉତ୍ତରକୁ କିପରି ଅଭିବୃଦ୍ଧି କରିପାରିବେ କୁହନ୍ତୁ। ଏହା ସେମାନଙ୍କୁ ନିଜର ଶିକ୍ଷଣ ବିଷୟରେ ଚିନ୍ତା କରିବାକୁ ଓ ନିଜର ତ୍ରୁଟିର ଶିଖିବାକୁ ଚିନ୍ତା କରିବାରେ ସେମାନଙ୍କୁ ସାହାଯ୍ୟ କରିବ।

ଯଦି ଆପଣ ଯୋଡ଼ି କାର୍ଯ୍ୟ ପାଇଁ ନୂଆ, ତେବେ କାର୍ଯ୍ୟରେ, ସମୟରେ ବା ଯୋଡ଼ି ଗଠନରେ ଆପଣ ଆବଶ୍ୟକ କରୁଥିବା କୌଣସି ପରିବର୍ତ୍ତନକୁ ଲେଖି ରଖିବା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହା ଗୁରୁତ୍ୱପୂର୍ଣ୍ଣ କାରଣ ଏହା ଆପଣ କିପରି ଶିଖିବେ ଓ କିପରି ଆପଣଙ୍କ ଶିକ୍ଷାଦାନକୁ ବିକାଶିତ କରିବେ ସେଥିପାଇଁ ଉଦ୍ଦିଷ୍ଟ। ସଫଳ ଯୋଡ଼ିକାର୍ଯ୍ୟ ପରିଚାଳନା ସ୍ୱଷ୍ଟ ସୂଚନା ଓ ଉତ୍ତମ ସମୟ ପରିଚାଳନା ସହିତ ସାରଗର୍ଭକ ସାରାଂଶ ସହିତ ସଂପର୍କିତ – ଏହା ସମସ୍ତ ଅଭ୍ୟାସ ଉପରେ ନିର୍ଭରଶୀଳ।

## Additional resources

- 'Book-talk' by Pie Corbett:http://webfronter.com/lewisham/primarycommunity/menu1/Writing/Talk_for_Writing/Booktalk_by_Pie_Corbett
- Booktrust is an independent UK reading and writing charity. It provides resources and tools to support professionals in helping both children and adults to develop in their reading and writing journey: http://www.booktrust.org.uk/
- NCERT books for children: http://www.ncert.nic.in/publication/children_books/children_books.html
- Pratham Books: http://www.prathambooks.org/
- 'Children's literature from India and the Indian diaspora', a post on Pratham Books' blog: http://blog.prathambooks.org/2010/10/childrens-literature-from-india-and.html
- Dasgupta, A. (1995) Telling Tales: Children's Literature in India. London: Taylor and Francis. • A useful article about children's literature in India: http://isahitya.com/index.php/77-specialarticles/ 269
- 'How to teach … reading for pleasure', from a UK website that contains some useful ideas andfurther links: http://www.theguardian.com/teacher-network/teacher-blog/2013/dec/16/readingfor-pleasure-reluctant-readers-schools-resources
- N'Namdi, K.A. (2005) Guide to Teaching Reading at the Primary School Level. Paris: UNESCO.
- New Approaches to Literacy Learning by V. Elaine Carter: http://unesdoc.unesco.org/images/0012/001257/125767eb.pdf

## References/bibliography

Clark, C. and De Zoysa, S. (2011) *Mapping the Interrelationships of Reading Enjoyment, Attitudes, Behaviour and Attainment: An Exploratory Investigation*. London: National Literacy Trust.

Clark, C. and Poulton, L. (2011) *Is Four the Magic Number? Number of Books Read in a Month and Young People's Wider Reading Behaviour*. London: National Literacy Trust.

Clark, C. and Rumbold, K. (2006) *Reading for Pleasure: A Research Overview*. London: The National Literacy Trust.

Education World (undated) 'Book review form' (online). Available from: http://www.educationworld.com/a_lesson/template/book-review.shtml (accessed 23 October 2014).

*Times of India* (2014) 'Giant wheel a monumental treat' (online), 3 October. Available from: http://timesofindia.indiatimes.com/city/delhi/Giant-wheel-a-monumentaltreat/articleshow/44155864.cms (accessed 23 October 2014).

## Acknowledgements

This content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/), unless identified otherwise. The licence excludes the use of the TESS-India, OU and UKAID logos, which may only be used unadapted within the TESS-India project.

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.